# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13th November - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ସରକାର କ୍ୟାନସର ଚିକିତ୍ସାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ରାଜ୍ୟରେ କର୍କଟ ରୋଗର ଆଧୁନିକ ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ସମ୍ପର୍କରେ ସ୍ୱାସ୍ଥ୍ୟ ସେବା ଗବେଷଣା ସଂସ୍ଥା ପ୍ରତିନିଧିଙ୍କ ସହ ଆଲୋଚନା

- ସି.ଆଇ.ଏସ୍.ଏଫ୍.ର ପ୍ରଥମ ମହିଳା ବାଟାଲିୟନ୍‌କୁ ଅନୁମୋଦନ କଲେ କେନ୍ଦ୍ର ସରକାର

- ଆସନ୍ତା ଜାନୁଆରୀ ପହିଲାରୁ ରାଜ୍ୟର ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ରାସନ କାର୍ଡ

ଏବଂ

- ରାଜ୍ୟରେ ଚଳିତ ବର୍ଷ ପାଇଁ ସବ୍-ଇନ୍ସପେକ୍ଟରରୁ ଇନ୍ସପେକ୍ଟର ପଦୋନ୍ନତି ପାଇଁ ଥିବା ନିୟମରେ କୋହଳ

**BBSR/R**

## ମୁଖ୍ୟମନ୍ତ୍ରୀ- କ୍ୟାନସର ଆଲୋଚନା

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ବିଶେଷକରି କ୍ୟାନସର ଚିକିତ୍ସାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆଜି ଆମେରିକାର ମିଓ କ୍ଲିନିକ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଗବେଷଣା ସଂସ୍ଥାର ପ୍ରତିନିଧିମାନଙ୍କ ସହ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ସମୟରେ ରାଜ୍ୟରେ କ୍ୟାନସର ଚିକିତ୍ସା କ୍ଷେତ୍ରରେ ଆଧୁନିକ ରୋଗ ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ସମ୍ବନ୍ଧରେ ଆଲୋଚନା ହୋଇଛି । ଡି.ଏନ୍.ଏ ଟେଷ୍ଟ ଜରିଆରେ ତୁରନ୍ତ ରୋଗ ନିରୂପଣ ସହିତ କୌଣସି ଏକ ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ଫଳପ୍ରଦ ହେଉଛି ନା ନାହିଁ ତାହା ଶୀଘ୍ର ଜାଣି ହେବ ବୋଲି ଆଲୋଚନାରୁ ଜଣାପଡ଼ିଛି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଅଶ୍ୱସ୍ଥି ଏସ୍ ଉପସ୍ଥିତ ଥିଲେ ।

**PIB**

## ସିଆଇଏସ୍ଏଫ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ- ସିଆଇଏସ୍ଏଫ୍ର ପ୍ରଥମ ମହିଳା ବାଟାଲିୟନକୁ ସରକାର ଅନୁମୋଦନ ଦେଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୂଚନା ଦେଇଛନ୍ତି । ଶ୍ରୀ ଶାହା କହିଛନ୍ତି, ନୂଆ ବାଟାଲିୟନ ପାଇଁ ଶୀଘ୍ର ନିଯୁକ୍ତି, ପ୍ରଶିକ୍ଷଣ ଓ ସ୍ଥାନ ଚୟନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ରାଷ୍ଟ୍ରନିର୍ମାଣ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବୃଦ୍ଧି ପାଇଁ ଏହି ପଦକ୍ଷେପ

ନିଆଯାଇଛି। ଏହି ମହିଳା ବାଟାଲିୟନ ବିମାନ ବନ୍ଦର ଓ ମେଟ୍ରୋ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଓ କମାଣ୍ଡୋ ଭାବେ ଭି.ଆଇ.ପି. ନିରାପତ୍ତା ଦାୟିତ୍ୱ ବହନ କରିବେ। ବର୍ତ୍ତମାନ ସି.ଆଇ.ଏସ୍.ଏଫ୍.ରେ ମହିଳାଙ୍କ ସଂଖ୍ୟା ୭ ପ୍ରତିଶତରୁ ଅଧିକ ରହିଛି। ମହିଳା ବାଟାଲିୟନ ଯୋଡ଼ିବା ଦ୍ୱାରା ସାରା ଦେଶରେ ଅଧିକ ଆଶାୟୀ ଯୁବତୀ ସି.ଆଇ.ଏସ୍.ଏଫ୍.ରେ ଯୋଗଦେଇ ଦେଶ ସେବାରେ ନିୟୋଜିତ ହେବା ଦିଗରେ ଉତ୍ସାହିତ ହେବେ ବୋଲି ଶ୍ରୀ ଶାହା ଆଶା ପ୍ରକାଶ କରିଛନ୍ତି।

***Desk***

# ସୁଭଦ୍ରା ଯୋଜନା-ତୃତୀୟ ପର୍ଯ୍ୟାୟ

ରାଜ୍ୟ ସରକାର ଆସନ୍ତା ୨୪ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀମାନଙ୍କୁ ପ୍ରଦାନ କରିବେ। ଏହି ପର୍ଯ୍ୟାୟରେ ୨୦ଲକ୍ଷ ହିତାଧିକାରୀଙ୍କୁ ସହାୟତା ରାଶି ଦିଆଯିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି । ସରକାର ପ୍ରଥମ ଦୁଇଟି ପର୍ଯ୍ୟାୟରେ ୬୦ଲକ୍ଷ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରୁ ଆର୍ଥିକ ସାହାଯ୍ୟ ପାଇବା ପାଇଁ ଆବେଦନ କରିଛନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି, କେତେକ ଆବେଦନକାରୀଙ୍କ ମୋବାଇଲ୍ ନମ୍ବର, ଆଧାର ନମ୍ବର ଏବଂ ଜମାଖାତା ନମ୍ବର ଠିକ୍ ନ ଥିବାରୁ ସମସ୍ୟା ଦେଖାଯାଇଛି। ଯେଉଁ ହିତାଧିକାରୀମାନଙ୍କ ପାଖରେ ସୁଭଦ୍ରା ଯୋଜନାର ଟଙ୍କା ପାଇବାରେ ସମସ୍ୟା ଦେଖାଯାଉଛି ସେଠାକୁ ସରକାରୀ ଅଧିକାରୀ ଏବଂ ଅଙ୍ଗନବାଡ଼ି କର୍ମୀମାନେ ବ୍ୟକ୍ତିଗତ

ଭାବେ ଯାଇ ହିତାଧିକାରୀମାନଙ୍କର ସମସ୍ୟାର ସମାଧାନ କରିବେ। ଗୋଟିଏ ବ୍ୟାଙ୍କ ଜମାଖାତା ସହିତ ଗୋଟିଏ ମୋବାଇଲ୍ ନମ୍ବର ଯୋଡ଼ିବା ପାଇଁ ହିତାଧିକାରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

***Puri/R***

## ମିଶନ ଶକ୍ତି କାଫେ

ପୁରୀ ଜିଲ୍ଲା ନିମାପଡ଼ାରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଶନ ଶକ୍ତି କାଫେର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି, ମିଶନ ଶକ୍ତି କାଫେ ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ସେଠାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଏବଂ ରୋଗୀମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଶ୍ରୀମତୀ ପରିଡ଼ା ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ୪୧ ଜଣ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଥିଲେ। ପରେ କୁଅଁରପୁରସ୍ଥିତ ବାଣିଶ୍ରୀ କଲେଜର ଦିବ୍ୟାଙ୍ଗ ଛାତ୍ରଙ୍କୁ ସହାୟତା ଯୋଗାଇଥିଲେ।

*BBSR/R*

## ବେଦାନ୍ତ- ଜମି ଫେରସ୍ତ

ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିକୃତ ହୋଇଥିବା ଜମିକୁ ସମ୍ପୃକ୍ତ ଲୋକଙ୍କୁ ଫେରସ୍ତ କରାଯିବାକୁ ସରକାର ନିଷ୍ପତ୍ତି ନେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜମି ଫେରସ୍ତ କରାଯିବ। ଏ ନେଇ ସରକାରୀ ସ୍ତରରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଦିନେ ଦୁଇଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ୍ ନିକଟରେ ଥିବା ଜମିକୁ ଫେରସ୍ତ ପାଇଁ ହାଇକୋର୍ଟଙ୍କ ରାୟଙ୍କୁ ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି। ସେହି ଜିଲ୍ଲା ପ୍ରଶାସନ ଖୁବ୍‌ଶୀଘ୍ର ଏ ନେଇ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

*Desk*

## ରାସନ କାର୍ଡ

ରାଜ୍ୟ ସରକାର ଆସନ୍ତା ଜାନୁଆରୀ ପହିଲାରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିବେ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଶ୍ରୀ ପାତ୍ର କହିଛନ୍ତି, ରାସନ କାର୍ଡରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଲାଗି ପ୍ରକ୍ରିୟ ଜାରି ରହିଛି। ଚଳିତ ମାସ ଶେଷ ସୁଦ୍ଧା ରାସନକାର୍ଡ ହିତାଧିକାରୀମାନଙ୍କର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୬ ଲକ୍ଷ

ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ପରେ ଆସନ୍ତା ଜାନୁଆରୀ ମାସଠାରୁ ନୂଆ ରାସନକାର୍ଡ ଦିଆଯିବ।

***HS***

## ଜନଜାତି ଗୌରବ ଦିବସ

ରାଜ୍ୟର ୨୭ଟି ଜିଲ୍ଲାର ୨୮ଟି ସ୍ଥାନରେ ଆସନ୍ତା ୧୫ ତାରିଖ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ ତମ ଜନ୍ମଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯିବ । ଭୁବନେଶ୍ୱରର ଜନତା ମାଇଦାନଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟର ୭ ହଜାରରୁ ଊର୍ଦ୍ଧ୍ୱ  ରାଜସ୍ୱ ଗ୍ରାମରେ ଗ୍ରାମସଭା, ପ୍ରଶିକ୍ଷଣ ଆୟୋଜନ ହେବ।

***BBSR/R***

## ଇନ୍ସପେକ୍ଟର ପଦୋନ୍ନତି

ରାଜ୍ୟରେ ସବ୍ ଇନ୍ସପେକ୍ଟରରୁ ଇନ୍ସପେକ୍ଟର ପଦୋନ୍ନତି ପାଇଁ ଥିବା ନିୟମରେ ସରକାର ଚଳିତ ବର୍ଷ ପାଇଁ କୋହଳ କରିଛନ୍ତି। ଏହା ଅନୁସାରେ, ଏସ୍.ଆଇଙ୍କ ପଦୋନ୍ନତି ସୀମାକୁ ୧୦ ବର୍ଷରୁ ୭ ବର୍ଷକୁ ହ୍ରାସ କରାଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏସ୍.ଆଇ ମାନଙ୍କ ପଦୋନ୍ନତି ନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସମୀକ୍ଷା କରିବା ପରେ ସରକାର ଏହି ନିଷ୍ପତ୍ତି

ନେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା ଯେଉଁମାନେ ୭ ବର୍ଷ ପାଇଁ ଏସ୍.ଆଇ. ଭାବେ କାର୍ଯ୍ୟ କରିଥିବେ ସେମାନଙ୍କୁ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ପାଇଁ ବିଚାର କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

***Desk***

## ଆୟକର-ପାନ୍

ଆୟକର ବିଭାଗ ପକ୍ଷରୁ କରଦାତାମାନଙ୍କୁ ସେମାନଙ୍କର ପାନ୍ ନମ୍ବରକୁ ଆଧାର ସହିତ ସଂଯୋଗ କରିବା ପାଇଁ କୁହଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଜାରି ରହିବ। ସାଇବର ଠକେଇ ଏବଂ ଆର୍ଥିକ ଠକେଇ ମାମଲା ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ବ୍ୟକ୍ତିଗତ ସୂଚନାର ଅପବ୍ୟବହାରକୁ ରୋକିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆୟକର ବିଭାଗକୁ ପାନ୍  ମାଧ୍ୟମରେ ବ୍ୟକ୍ତିଗତ ବିବରଣୀକୁ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

***BBSR/R***

# ସରକାରୀ ଛୁଟି

୨୦୨୫ ମସିହା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛୁଟି ତାଲିକା ପ୍ରକାଶ ପାଇଛି । ଛୁଟି ତାଲିକା ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେଟ୍ କୋର୍ଟ ଗୁଡ଼ିକ ପାଇଁ ଲାଗୁ ହେବ । ସରକାରୀ କର୍ମଚାରୀଙ୍କ ପାଇଁ ୨୦୨୫ ମସିହାରେ ମୋଟ୍ ୨୬ଟି ଛୁଟି ଦିବସ

ରହିଛି । ଏହି ଛୁଟି ସହିତ ସରକାରୀ କର୍ମଚାରୀ ୮ଟି ଇଚ୍ଛାଧୀନ ଛୁଟି ମଧ୍ୟରୁ ଆଉ ଗୋଟିଏ ଦିନ ଛୁଟି ନେଇପାରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ଜାନୁଆରୀ ମାସ ୧୪ତାରିଖ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ଡିସେମ୍ବର ମାସ ୨୫ ତାରିଖ ବଡ଼ଦିନ ପର୍ଯ୍ୟନ୍ତ ଛୁଟି ତାଲିକା ପ୍ରକାଶ ପାଇଛି ।

***Kendrapara***

## କେନ୍ଦ୍ରାପଡ଼ା– କୃଷି ବିଜ୍ଞାନ କେନ୍ଦ୍ର

କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରସନ୍ନଜିତ ମିଶ୍ରଙ୍କ ସଭାପତିତ୍ୱରେ ୨୨ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୃଷକମାନେ ଯେପରି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ଜଳବାୟୁ ଅନୁକୂଳ ଫସଲ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ନୂତନ ବିହନ ଉଦ୍ଭାବନ ତଥା ସଫଳ ପ୍ରୟୋଗ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଧାନ ଆଧାରିତ ଜମିରେ ଫସଲ ବିବିଧିକରଣ, ସମନ୍ୱିତ କୃଷି ପଦ୍ଧତି, ପ୍ରାକୃତିକ କୃଷି ପ୍ରଣାଳୀରେ ଫସଲ ପରିଚାଳନା ବିଶେଷ କରି ଉଚ୍ଚମୂଲ୍ୟଯୁକ୍ତ ଉଦ୍ୟାନ ଫସଲର ଉନ୍ନତମାନର ବିହନ ଚାରା ଉତ୍ପାଦନ, ମାଛଚାଷ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

କାର୍ଯ୍ୟକ୍ରମରେ ୨୦୨୫ ବର୍ଷ ପାଇଁ କୃଷି ସମ୍ପର୍କିତ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

***Balangir***

## ମକ୍‌ଡ୍ରିଲ

ବଲାଙ୍ଗୀର ରେଳଷ୍ଟେସନ୍ ଠାରେ ସମ୍ବଲପୁର ରେଳ ଡିଭିଜନ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରେନ୍ ଦୁର୍ଘଟଣା ଘଟିଲେ ଯାତ୍ରୀଙ୍କୁ ଉଦ୍ଧାର ଏବଂ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଏହି ମକ୍‌ଡ୍ରିଲ କରାଯାଇଥିଲା । ପ୍ରଥମଥର ପାଇଁ ବଲାଙ୍ଗୀର ସେକସନ୍‌ରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିବା ଏ.ଡି.ଆର୍.ଏମ୍. ଆନନ୍ଦ ସିଂ କହିଛନ୍ତି ।

***Puri/R***

## ପଞ୍ଚୁକ ବ୍ରତ

କାର୍ତ୍ତିକ ମାସର ପଞ୍ଚୁକ ବ୍ରତର ଆଜି ଦ୍ୱିତୀୟ ଦିନରେ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବାଙ୍କଚୂଡ଼ା ବେଶରେ ସଜ୍ଜିତ କରାଯାଇଛି । ଏହି ବେଶରେ ମହାପ୍ରଭୁ ସୁନାକିରିଟ ଓ କାନକୁଣ୍ଡଳରେ ଆଭୂଷିତ ହୋଇଥିବା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ମସ୍ତକରେ ସୁବର୍ଣ୍ଣକିଆ ଶୋଭା ପାଉଛି । ଏହାସହ ଆଜି ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ପାଳନ

କରାଯାଇଛି । ପଞ୍ଚୁକରେ ମହାପ୍ରଭୁଙ୍କର ଭିନ୍ନ ଭିନ୍ନ ବେଶ ଦର୍ଶନ ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି ।

ସେହିଭଳି କଟକର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀଧବଳେଶ୍ୱରଙ୍କର ବଡ଼ଓଷା ଓ ବଡ଼ସିଂହାର ବେଶ ଆଜି ଅନୁଷ୍ଠିତ ହୋଇଛି । ବାବା ଧବଳେଶ୍ୱରଙ୍କର ଦର୍ଶନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

***Desk***

## ପାଣିପାଗ

ଚଳିତ ମାସ ଶେଷ ସପ୍ତାହରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ଓଡ଼ିଶା ଉପରେ ଏହା ବିଶେଷ ପ୍ରଭାବ ପଡ଼ିବ ନାହିଁ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ରବିବାର ଏବଂ ସୋମବାର ଆଡ଼କୁ ଉତ୍ତରା ପବନ ବହିବାର ସମ୍ଭାବନା ଥିବାରୁ ରାତି ତାପମାତ୍ରା ଏକ ରୁ ଦୁଇ ଡିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।